# ଶ୍ରୀ ଶ୍ରୀ ମା'ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ,ଯାଜପୁର

E-mail ID-mbttb@maabiraja.com/maabirajattb@gmail.com
Ph- 06728-223900/Website-www.maabiraja.com

ନଂ- ୮୧ ତା- ୦୮-୦୩-୨୦୨୬ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଶ୍ରୀ ଶ୍ରୀ ମା'ବିରଜା ମନ୍ଦିର ବେଢାମଧ୍ୟସ୍ଥ ଅନ୍ନପ୍ରସାଦକେନ୍ଦ୍ର ଆସନ୍ତା ତା-୧୮.୦୩.୨୦୨୬ରିଖ ଦି ୧୧ ଘଟିକା ସମୟରେ ଉପ-ଜିଲ୍ଲାପାଳ ଯାଜପୁରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ୨୦୨୬-୨୦୨୭ବର୍ଷ ନିମନ୍ତେ ପ୍ରକାଶ୍ୟ ନିଲାମ କରାଯିବ, ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକବ୍ୟକ୍ତି ନିର୍ଦ୍ଧାରିତ ସ୍ଥାନ,ତାରିଖ ଓ ସମୟରେ ଉପସ୍ଥିତରହି ନିଲାମରେ ଅଂଶଗ୍ରହଣ କରିପାରିବେ ଏବଂ ଏଥିସହ ସଯୁକ୍ତ ସମସ୍ତ ସର୍ତ୍ତାବଳୀ ମାନିବାକୁ ବାଧହେବେ ନଚେତ ତାଙ୍କଦ୍ୱାରା ଦାଖଲହୋଇଥିବା ଅମାନତରାଶିକୁ ଯେକୌଣସି ସମୟରେ ବାଜ୍ୟାପ୍ତି କରାଯାଇପାରିବ। ଯଦି ଅନ୍ନପ୍ରସାଦକେନ୍ଦ୍ର ତା୧୮.୩୦.୨୬ରିଖ ଦିନ ନିଲାମ ହୋଇ ନପାରିବ ତା୨୪.୩.୨୦୨୬ରିଖ ସମାନ ସମୟ ଓ ସ୍ଥାନରେ ପୁନଃ ନିଲାମ ଅନୁଷ୍ଠିତ ହେବ। ଯଦି ତା୨୪.୩.୨୬ରିଖ ଦିନ ନିଲାମ ହୋଇନପାରିବ ତାହା ପୁନଃ ନିଲାମ ତା୨୬.୩.୨୦୨୬ରିଖ ସମାନ ସମୟ ଓ ସ୍ଥାନ ଠାରେ ଅନୁଷ୍ଠିତ ହେବ।

| କ୍ର.ନଂ | ୨୦୨୬-୨୦୨୭ ବର୍ଷପାଇଁ ହେବାକୁଥିବା ଉତ୍ସରନାମ | ଅପସେଟ ମୂଲ୍ୟ (ଟଙ୍କାରେ) (Upset price) | ଅମାନତଜମା ୧୦% (ଟଙ୍କାରେ) | ଅମାନତଜମା ଦାଖଲପାଇଁ ତାରିଖ | ସମ୍ପୃକ୍ତ ନିଲାମ ପାଇଁ ଇସ୍ତାହାର ସଂଲଗ୍ନ କରାଗଲା |
|---|---|---|---|---|---|
| ୧ | ଅନ୍ନପ୍ରସାଦକେନ୍ଦ୍ର | ୨୨,୬୬,୦୦୦/- | ୨,୨୬ ,୬୦୦/- | ନିଲାମ ତାରିଖ ପୂର୍ବଦିନ | ସଂଲଗ୍ନ |

ପରିପତ୍ରସଂଖ୍ୟା- ୮୨ ତାରିଖ- ୦୮-୦୩-୨୦୨୬

ଏହାରଏକକିତାନକଲ ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପ-ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲ କାର୍ଯ୍ୟାଳୟ, ଯାଜପୁର ନୋଟିସ ବୋର୍ଡ / ନିର୍ବାହୀଅଧିକାରୀ ଯାଜପୁର ପୌରପାଳିକାଙ୍କ କାର୍ଯ୍ୟାଳୟ ନୋଟିସବୋର୍ଡ ଓ ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତିନିମନ୍ତେ ପ୍ରକାଶ କରାଗଲା।

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

ପରିପତ୍ରସଂଖ୍ୟା- ୮୩ ତାରିଖ- ୦୮-୦୩-୨୦୨୬

ଏହି ବିଜ୍ଞାପନକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ୱେବ୍‌ସାଇଟ୍‌ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା।

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

Scanned with OKEN Scanner

# ସର୍ତ୍ତାବଳୀ

## ଅନ୍ନପ୍ରସାଦକେନ୍ଦ୍ର

୧. ଉପରୋକ୍ତ ଅନ୍ନପ୍ରସାଦ ବିକ୍ରୟ ନିମନ୍ତେ୧୦% ଅମାନତ ରାଶିସ୍ୱରୁପ ଅର୍ଥ ଟ ୨,୨୬ ,୬୦୦/-ଙ୍କା **Managing Trustee Maa Biraja Temple, Jajpur (Payable at State Bank of India, Jajpur Town Branch, IFSC 0000094) (Branch Code-00094)** ଙ୍କ ନାମରେ **Demand draft** ନିଲାମ ତାରିଖ ପୁର୍ବଦିନ **Managing Trustee Maa Biraja Temple, Jajpur** ଙ୍କ ଅଫିସରେ ଦାଖଲ ଦେଇ ରସିଦ ହାସଲକରି ନିଲାମ ଡାକରେ ଅଂଶ ଗ୍ରହଣ କରିପାରିବେ । ନଚେତ ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ ।

୨. ଉପରୋକ୍ତ ନିଲାମ ନିମନ୍ତେ ସର୍ବନିମ୍ନଟଙ୍କା ଟ ୨୨,୬୬,୦୦୦/-ଧାର୍ଯ୍ୟ କରାଯାଇଛି ।

୩. ମନ୍ଦିରର କୈଣସିଦେୟ ବାକିରଖିଥିବା ବ୍ୟକ୍ତି ବା ତାଙ୍କ ସମ୍ପର୍କୀୟ ଉକ୍ତ ନିଲାମରେ ଭାଗନେଇପାରିବେ ନାହିଁ ।

୪. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧହେବ ସେ ଉକ୍ତଦିନ ନିଲାମ ମୂଲ୍ୟର ଶତକଡା ୯୦%ଭାଗ ଅର୍ଥ **SBI. Jajpur town main Branch AC.NO-11308945546 / IFSC 0000094) (Branch Code-00094)** ରେ **RTGS/NEFT** ମାଧ୍ୟମରେ ଜମାଦେଇ ମନ୍ଦିର କାର୍ଯ୍ୟାଳୟରୁ ରସିଦ ହାସଲ କରିବେ ଓ ଅବଶିଷ୍ଟ ୧୦% ଅର୍ଥ ତା ୩୧.୧୨.୨୦୨୬ ରିଖ ସୁଦ୍ଧା ମନ୍ଦିର କାର୍ଯ୍ୟାଳୟରେ ଦାଖଲ କରିବେ ।

୫. ନୀଲାମଧାରୀ ନିଜଖର୍ଚ୍ଚରେ ଏକଏକରାରନାମା ପ୍ରସ୍ତୁତିକରି ମନ୍ଦିରର ସମସ୍ତ ସର୍ତ୍ତାବଳୀ ମାନ ଲିପିବଦ୍ଧ କରି ନିମ୍ନସ୍ୱାକ୍ଷର କାରିଙ୍କ ନିକଟରେ ୭ଦିନମଧ୍ୟରେ ଦାଖଲ କରିବେ ।

୬. ନୀଲାମଧାରୀ ଉତ୍ତମ ମାନର ସ୍ୱାଦିଷ୍ଟ,ରୁଚିକର ଖାଦ୍ୟ ଟ୍ରଷ୍ଟବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ଭକ୍ତମାନଙ୍କୁ ବିକ୍ରୟ କରିବେ ଜଣପ୍ରତି ୧୦୦ ଟଙ୍କା(ଏକଶହଟଙ୍କା) ମୂଲ୍ୟରେ ଅନ୍ନପ୍ରସାଦ,ଡାଲି,ତରକାରୀ,ଖଟା,ଶାଗ ଆଦି ଯୋଗାଇଦେବେ ଏବଂ ଏଥି ସହିତ ଖିରି ଯୋଗାଇଦେଲେ ଜଣପ୍ରତି ଅତିରିକ୍ତ୧୦ଟଙ୍କା ନେବେ ଏହାଦୈନିକ ମନ୍ଦିର କର୍ତ୍ତୃପକ୍ଷ ବା ଗୁମାସ୍ତା ବା ମାନନୀରିକ୍ଷକ ମାନଙ୍କ ଦ୍ୱାରା ଯାଂଚ କରାଯିବ ଯଦି ନିମ୍ନମାନର ପ୍ରସାଦ ବିକ୍ରୟ କରୁଥିବା କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁଆସେ ଏବଂ କୌଣସି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟିକରେ ତେବେ ତାଙ୍କନିଲାମକୁ ରଦ୍ଦକରାଯାଇ ସମସ୍ତ ଜମାରାଶିକୁ ବାଜ୍ୟାପ୍ତି କରାଯିବ ।

୭. ନିଲାମପୂର୍ବରୁ୧୦% ଅମାନତ ଦାଖଲକରିବେ ।

୮. ଯଦିକୈଣସି କାରଣରୁ ନିଲାମଧାରୀ ନିଲାମଟଙ୍କା ପୈଠକରିବାରେ ତ୍ରୁଟିକରନ୍ତି ତେବେତାଙ୍କଦ୍ୱାରା ଦାଖଲ ଅମାନତ ରାଶିକୁ ବାଯ୍ୟାପ୍ତି କରାଯିବ ଓ ତାଙ୍କ ତଳକୁ ଥିବା ବ୍ୟକ୍ତିଙ୍କ ଡାକକୁ ବିଚାରକୁ ନିଆଯିବ / ସାନିନିଲାମ କରାଯିବ/ ବିକଳ୍ପବ୍ୟବସ୍ଥା ଗ୍ରହଣ କରାଯିବ (କିପ୍ରକାର ବିକଳ୍ପବ୍ୟସ୍ଥାଗ୍ରହଣ କରାଯିବ ତାହା ମ୍ୟାନେଜିଂଟ୍ରଷ୍ଟି ସ୍ଥିରକରି ଆବଶ୍ୟକ ପଦକ୍ଷେପନେବେ ।)

୯. କେବଳଅମାନତ ଜମାକାରୀଙ୍କ ବ୍ୟତିତ ଅନ୍ୟକୌଣସି ବ୍ୟକ୍ତି ନିଲାମସ୍ଥାନରେ ଉପସ୍ଥିତ ରହିପାରିବେନାହିଁ ।

୧୦. ସର୍ବୋପରି କୌଣସି କାରଣ ନଦର୍ଶାଇ ଉକ୍ତନିଲାମକୁ ନାକଚ କରିବାର ସମସ୍ତକ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କର ଅଛି ।

୧୧. ଏହିନିଲାମ ମାର୍ଚ୍ଚ ତା- ୩୧.୩.୨୦୨୭ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ।

୧୨. ନୀଲାମଧାରୀ ବର୍ଷକମଧ୍ୟରେ କୌଣସି ପରିସ୍ଥିତିରେ ଯଥା ଦର ଦାମ ବୃଦ୍ଧି,ବନ୍ୟା,ବାତ୍ୟା ଇତ୍ୟାଦି ଦୈବୀଦୁର୍ବିପାକରେ କୌଣସି ଅଭିଯୋଗକରିପାରିବେ ନାହିଁ ।

୧୩. ଅମାନତ ଦେୟ ବର୍ଷ ଶେଷରେ ଫେରସ୍ତ ନେବେ ।

୧୪. ଅନ୍ନପ୍ରସାଦକେନ୍ଦ୍ର ପରିଷ୍କାର ପରିଚ୍ଛନ୍ନପ୍ରତି ଦୃଷ୍ଟିଦେବେ । ଯଥା- ପତ୍ର,ଠୋଲି,ଗ୍ଲାସ ଦୈନନ୍ଦିନ ମନ୍ଦିର ବାହାରକୁ ଉଠାଇଦେବେ ।

୧୫. ଯାତ୍ରୀ ମାନଙ୍କ ତରଫରୁ ଅଭିଯୋଗ ଆସିଲେ ନିଲାମ ଅସିଦ୍ଧ କରାଯାଇପାରେ ।

୧୬. ନିଜଖର୍ଚ୍ଚରେ ସ୍ୱାସ୍ଥ୍ୟ ବିଭାଗ ନିକଟରୁ ନିଜନାମରେ ଏକ ଫୁଡ ଲାଇସେନସ୍ ପ୍ରସ୍ତୁତ କରିବେ ।

୧୭. ସ୍ୱାସ୍ଥ୍ୟ ବିଭାଗ କିମ୍ବା ମନ୍ଦିର ପ୍ରଶାସନ ତରଫରୁ ପ୍ରସ୍ତୁତି ଖାଦ୍ୟ ଯାଂଚ କରାଗଲେ ସେଥିରେ ସହଯୋଗ କରିବେ ।

୧୮. ମନ୍ଦିର ଟ୍ରଷ୍ଟବୋର୍ଡ ତରଫରୁ କୌଣସି ବ୍ୟକ୍ତିଙ୍କ ଉପରେ ପୂର୍ବରୁ କୌଣସି ଆପତ୍ତି ଅଭିଯୋଗ ଥିଲେ, ପୂର୍ବରୁ ମନ୍ଦିର ଟ୍ରଷ୍ଟବୋର୍ଡ ଉପରେ ନୀଲାମସମ୍ବନ୍ଧୀୟ ମକୋଦ୍ଦମା ଦାୟର କରିଥିଲେ କିମ୍ବା ଏକାଧିକ ନିଲାମ ସମ୍ବନ୍ଧୀୟ ଖିଲାପ ନୋଟିସ ପାଇଥିବା ବ୍ୟକ୍ତି ନିଲାମରେ ଭାଗନେଇପାରିବେ ନାହିଁ ।

୧୯. ନୀଲାମଧାରୀ ପ୍ରସାଦ ବିକ୍ରୟ ସ୍ଥାନରେ ନିଜଖର୍ଚ୍ଚରେ ଟ୍ରଷ୍ଟବୋର୍ଡଦ୍ୱାରା ଧାର୍ଯ୍ୟକରାଯାଇଥିବା ଏକମୂଲ୍ୟ ସୂଚୀ ବୋର୍ଡ ଲଗାଇବେ । ନିଲାମଧାରୀ ନିଲାମ ପ୍ରାପ୍ତିର ୭ଦିନମଧ୍ୟରେ ମୂଲ୍ୟସୂଚୀବୋର୍ଡ ନଲଗାନ୍ତି ତେବେ ଦିନ ପ୍ରତି ୫୦୦/-ଟଙ୍କା ଜୋରିମାନା ଆଦାୟ କରାଯିବ ଏବଂ ଯଦି୧ ମାସ ଅବଧି ମଧ୍ୟରେ କାର୍ଯ୍ୟକାରୀ ନକରନ୍ତି ତେବେ ନିଲାମକୁ ରଦ୍ଦକରାଯିବ ।

ଚୁକ୍ତିମୁତାବକଖାଦ୍ୟପ୍ରସ୍ତୁତ କରିବେ ।

୧. ଭାତ, ଡାଲି, ମିକ୍ସର ତରକାରୀ,ଖଟା,ଶାଗରାଇ- ଟ୧୦୦/-ଙ୍କା।

୨. ଭାତ, ଡାଲି, ମିକ୍ସର ତରକାରୀ,ଖଟା, ଶାଗରାଇ,ପାଏସ(ଖିରୀ)- ଟ ୧୧୦/-ଙ୍କା।

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

Scanned with OKEN Scanner